# ତହସିଲଦାରଙ୍କ କାର୍ଯ୍ୟାଳୟ, ମ.ରାମପୁର

ପତ୍ର ସଂଖ୍ୟା-୩୬୨୭ ତାରିଖ-୨୭.୧୨.୨୦୨୪

DRP ମାମଲା ସଂଖ୍ୟା- ୨୨/୨୦୨୪

**ଇସ୍ତାହାର**

ଏତଦ୍ୱାରା ମାଣିକେରା ଗ୍ରା.ପ. ଅଧିନସ୍ଥ ମାଣିକେରା ଗ୍ରାମର ସର୍ବସାଧାରଣଙ୍କ ଗୋଚରାର୍ଥେ ଜଣାଇଦିଆଯାଉଅଛି ଯେ, ନିମ୍ନ ତଫସିଲଭୁକ୍ତ ସରକାରୀ ଜମିଟି ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ, ଓଡିଶା ସରକାରଙ୍କନାମରେ ବନ୍ଦୋବସ୍ତ କରାଯିବା ନିମନ୍ତେ ପ୍ରସ୍ତାବ ଆଗତ କରାଯାଇଅଛି। ଏଥି ସମ୍ବନ୍ଧୀୟ ମାମଲା ଏହି କାର୍ଯ୍ୟାଳୟରେ ଅନୁଷ୍ଠିତ କରାଯାଇ ତତ୍ ସମ୍ବନ୍ଧୀୟ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଉକ୍ତ ଜମି ରକ୍ଷିତ ଖାତାଭୁକ୍ତ ଏବଂ କିସମ ଘରବାରି ଅଟେ । ଏହି ଜାଗା ଉପରେ ମାଣିକେରା ପ୍ରାଥମିକ ବିଦ୍ୟାଳୟ ସ୍ଥାପିତ ହୋଇ କାର୍ଯ୍ୟକାରୀ ହୋଇ ଆସୁଅଛି । ଅତଏବ ଏହି ମାମଲା ଉପରେ ଯଦି କାହାର କୌଣସି ଆପତ୍ତି/ଅଭିଯୋଗ ଥାଏ ତାହେଲେ ଏହି ଇସ୍ତାହାର ଜାରି ହେବା ତାରିଖ ଠାରୁ ପରବର୍ତ୍ତୀ ୧୫ (ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀ ଅଧିକାରୀଙ୍କ କାର୍ଯ୍ୟାଳୟରେ ଲିଖିତ ଆକାରରେ ଆବଶ୍ୟକୀୟ କୋର୍ଟ ଫିଜ୍ ଷ୍ଟାମ୍ପ ଲଗାଇ ଏହାର ଶୁଣାଣି ନିମନ୍ତେ ଆପତ୍ତି/ ଅଭିଯୋଗ ଦାଖଲ କରିପାରିବେ । ଧାର୍ଯ୍ୟ ସମୟ ଗତେ କୌଣସି ଆପତ୍ତି/ ଅଭିଯୋଗ ଗ୍ରହଣ କରାଯିବ ନାହିଁ ।

**ମାମଲା ଜମିର ବିବରଣୀ**

| ମୌଜା | ଖାତାନଂ | ପ୍ଲ.ନଂ | କିସମ | ମୋଟ ଏରିଆ | ପ୍ରସ୍ତାବିତ ଏରିଆ |
|---|---|---|---|---|---|
| ମାଣିକେରା | ୫୯ | ୬୦ | ଘରବାରି | ଏ ୦.୦୯ଡି | ଏ ୦.୦୯ଡି |
| | (ରକ୍ଷିତ) | ୬୧ | ଘରବାରି | ଏ ୦.୦୯ଡି | ଏ ୦.୦୯ଡି |

ତହସିଲଦାର, ଏମ.ରାମପୁର

ତହସିଲଦାର
ମ.ରାମପୁର

ସ୍ମାରକ ସଂଖ୍ୟା -୩୬୨୮ ତାରିଖ – ୨୭.୧୨.୨୦୨୪

ଏହି ଇସ୍ତାହାରର ଏକକିତା ନକଲ ଏହି କାର୍ଯ୍ୟାଳୟ ର ନୋଟିସ ଫଳକରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶିତ କରାଗଲା ।

ଏହାର ଏକକିତା ନକଲ ରାଜସ୍ୱନିରୀକ୍ଷକ, ମାଣିକେରା ମଣ୍ଡଳ/ ସରପଞ୍ଚ, ମାଣିକେରା ଗ୍ରା.ପଙ୍କୁ ପ୍ରେରଣ କରି ଅନୁରୋଧ କରାଗଲା କି ଜନସାଧାରଣଙ୍କ ଅବଗତି ନିମନ୍ତେ ସେମାନଙ୍କ କାର୍ଯ୍ୟାଳୟର ନୋଟିସ ଫଳକରେ ପ୍ରକାଶିତ କରିବେ । ଏହା ଛଡା ମାଣିକେରା ଗ୍ରାମର ପ୍ରମୁଖ ସ୍ଥାନରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଲଟକାଜାରି କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା କେନ୍ଦ୍ର ଅଧିକାରୀ (ଜାତୀୟ ସୂଚନା କେନ୍ଦ୍ର), କଳାହାଣ୍ଡିଙ୍କୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ କଳାହାଣ୍ଡି ଜିଲ୍ଲା ୱେବସାଇଟ(kalahandi.nic.in) ରେ ଅପଲୋଡ କରିବା ନିମନ୍ତେ ପ୍ରେରଣ କରାଗଲା।

ତହସିଲଦାର, ଏମ.ରାମପୁର

ତହସିଲଦାର
ମ.ରାମପୁର